# NATIONAL NEWS BULLETIN (ODIA)

## 24th September - 2026

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ନାଗରିକ ସେବା ସବୁଠାରୁ ପ୍ରେରଣାଦାୟକ ଶକ୍ତି ଭାବେ ବର୍ଣ୍ଣନା କଲେ ପ୍ରଧାନମନ୍ତ୍ରୀ ।
- ପରିବର୍ତ୍ତିତ ବୈଶ୍ୱିକ ପରିସ୍ଥିତିରେ ପ୍ରତିରକ୍ଷା ଅଧିଗ୍ରହଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଲେ ସି.ଡି.ଏସ୍. ଏନ୍.ଏସ୍. ରାଜା ସୁବ୍ରମଣି ।
- ଡାକ୍ତରୀ ପାଠ୍ୟକ୍ରମ ପାଇଁ ସ୍ନାତକୋତ୍ତର ନୀଟ୍-୨୦୨୬ ପରୀକ୍ଷା ଫଳ ପ୍ରକାଶିତ ।
- ଏସୀୟ କ୍ରୀଡ଼ାରେ ଭାରତ ଆଜି ହାସଲ କରିଛି ୩ଟି କାଂସ୍ୟ ପଦକ ।

ଏବଂ

- ସ୍ଥଳଭାଗ ଅତିକ୍ରମ ପରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛି ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ।

# ପିଏମ୍-ସେବାଯାତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସେବା ସମସ୍ତଙ୍କ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ହେବା ଉଚିତ୍ । ରାଜନୀତିକ କ୍ଷେତ୍ରରେ ମଧ୍ୟ ସେବାକୁ ମାର୍ଗଦର୍ଶକ ନୀତି ଭାବେ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏଭଳି ମନୋଭାବ ପ୍ରତ୍ୟେକଙ୍କୁ ଉଚ୍ଚପଦରେ ପ୍ରତିଷ୍ଠିତ କରିଥାଏ । ଭାଡନଗରରୁ ବାରାଣାସୀ ପର୍ଯ୍ୟନ୍ତ ଯାତ୍ରା କରୁଥିବା ସେବାଯାତ୍ରୀଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା କାଳରେ ଶ୍ରୀ ମୋଦୀ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ସେବା ପରମ ଧର୍ମ ଜୀବନର ସବୁଠରୁ ବଡ କର୍ତ୍ତବ୍ୟ ।

ନାଗରିକ ସେବାକୁ ସବୁଠାରୁ ବଡ ପ୍ରେରଣାଦାୟକ ଶକ୍ତିଭାବେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ପିଏମ୍ କିଶାନ କିମ୍ବା ପିଏମ୍ ସୂର୍ଯ୍ୟଘର ଯୋଜନା ତୃଣମୂଳକସ୍ତରରେ ପହଞ୍ଚିବାରେ ସଫଳ ହୋଇପାରିଛି । ସେବା ମନୋଭାବ ଦ୍ୱାରା ହିଁ ୪କୋଟି ଗରିବ ଲୋକଙ୍କ ପାଇଁ ସ୍ଥାୟୀ ଘର ନିର୍ମାଣ ହୋଇପାରିଛି । ଆଜିର ଯୁବପିଢ଼ୀ ବିକଶିତ ଭାରତର ନିର୍ମାତା ଏବଂ ଏହାର ପ୍ରକୃତ ସୁଫଳ ସେମାନେ ହିଁ ପାଇବେ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ସି.ଡି.ଏସ୍. - ଡିଫେନ୍ସ ସମ୍ମିଟ୍

ପରିବର୍ତ୍ତିତ ବୈଶ୍ୱିକ ପରିସ୍ଥିତିରେ ଭାରତର ପ୍ରତିରକ୍ଷା ଅଧିଗ୍ରହଣ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ସେନା କର୍ମଚାରୀ ମୁଖ୍ୟ ଜେନେରାଲ୍ ଏନ୍.ଏସ୍. ରାଜା ସୁବ୍ରମଣି ଗୁରୁତ୍ୱ ଦେଇଛନ୍ତି । ନୂଆଦିଲ୍ଲୀରେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତିରକ୍ଷା ଇକୋସିଷ୍ଟମ୍‌କୁ ମଜବୁତ୍ କରିବାରେ ପ୍ରଯୁକ୍ତିବିଦ୍ୟା, ତଥ୍ୟ ଏବଂ ଉଦ୍ୟୋଗ ସମନ୍ୱୟର ଭୂମିକା ଉପରେ ସେ ଆଲୋକପାତ କରିଛନ୍ତି । ଯୁଦ୍ଧର ପରିବର୍ତ୍ତିତ ସ୍ଥିତି ଉପରେ ଆଲୋକପାତ କରି ଜେନେରାଲ୍ ସୁବ୍ରମଣି ପ୍ରତିରକ୍ଷା କ୍ଷେତ୍ରର ଅର୍ଥନୀତି ଉପରେ ଉଲ୍ଲେଖ କରିଛନ୍ତି । ଗଣନା, ସୁସଂହତ ଏବଂ ସହଯୋଗ ଆଦି ୩ଟି କ୍ଷେତ୍ର ଉପରେ ଏହା ଆଧାରିତ ବୋଲି କହିଛନ୍ତି । ଷ୍ଟାର୍ଟଅପ୍, ବିଶ୍ୱବିଦ୍ୟାଳୟ ଏବଂ ବୈଷୟିକ କ୍ଷେତ୍ରର ଛାତ୍ରଛାତ୍ରୀ ଓ ପ୍ରଯୁକ୍ତିବିଦ୍ୟା ଉଦ୍ୟୋଗ କ୍ଷେତ୍ର ଦେଶର ଆତ୍ମନିର୍ଭରଶୀଳତା ଓ ପ୍ରତିରକ୍ଷା ଉତ୍ପାଦନ ମିଶନ୍‌ରେ ଅଂଶଗ୍ରହଣ କରିବାକୁ ଜେନେରାଲ୍ ସୁବ୍ରମଣି ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ପ୍ରତିରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଏବଂ ଏହାର ସଠିକ୍ ପରିଚାଳନା ଉପରେ ସେ ମତବ୍ୟକ୍ତ କରିଛନ୍ତି ।

# ପ୍ରହଲ୍ଲାଦ ଯୋଶୀ - ସେବା ଚ୍ୟାଲେଞ୍ଜ୍

ବେଙ୍ଗାଲୁରୁରେ ଆସନ୍ତାକାଲି ସେବା ପ୍ରଥମ ନବସୃଜନ ପ୍ରତିଯୋଗିତାକୁ ଶିକ୍ଷାମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଉଦ୍‌ଘାଟନ କରିବେ । ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଯୁବବର୍ଗଙ୍କୁ ନବସୃଜନ କ୍ଷେତ୍ରରେ ସୃଷ୍ଟ ଆହ୍ୱାନଗୁଡ଼ିକୁ ଚିହ୍ନଟ କରିବା ଏବଂ ଏହାର ସମାଧାନ ଦିଗରେ ଏହି ପ୍ରତିଯୋଗିତା ସହାୟକ ହେବ । ୫ଟି ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରତିଯୋଗିତା ଆୟୋଜନ କରାଯାଉଛି । ସେଗୁଡ଼ିକ ହେଉଛି - ସ୍ୱଚ୍ଛ ଏବଂ ନିରନ୍ତର ଭାରତ, ସମୃଦ୍ଧ କୃଷକ ଓ ସମୃଦ୍ଧ ଭାରତ, ସୁସ୍ଥ ଓ ସମାବେଶୀ ଭାରତ, ଶିକ୍ଷିତ ଓ ଦକ୍ଷ ଭାରତ ଏବଂ ସୁରକ୍ଷିତ ଭାରତ । ବିଭିନ୍ନ ବିଦ୍ୟାଳୟ, ଶିଳ୍ପ ତାଲିମ ପ୍ରତିଷ୍ଠାନ, ପଲିଟେକ୍‌ନିକ୍ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିବେ । ଆସନ୍ତା ଡିସେମ୍ବର ମାସରେ ଏହି ପ୍ରତିଯୋଗିତାର ଚୂଡ଼ାନ୍ତ ପର୍ଯ୍ୟାୟ ଅନୁଷ୍ଠିତ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଶିକ୍ଷା ମନ୍ତ୍ରଣାଳୟ, ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଏବଂ ବେଙ୍ଗାଲୁରୁର ଭାରତୀୟ ବିଜ୍ଞାନ ସଂସ୍ଥାନ ମିଳିତ ଭାବେ ଏହି ପ୍ରତିଯୋଗତାର ଆୟୋଜନ କରୁଛନ୍ତି ।

# ପି.ଏମ୍. - ୨୫ ଇୟର୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ଏହି ଧାରାବାହିକ ସ୍ୱତନ୍ତ୍ର ପ୍ରସଙ୍ଗରେ ଆଜି ଆମେ ଆପଣଙ୍କୁ ମିଶନ କର୍ମଯୋଗୀ ଦୃଷ୍ଟିକୋଣ ଆଧାରରେ ସରକାରୀ କାର୍ଯ୍ୟାଳୟରେ ହୋଇଥିବା ପରିବର୍ତ୍ତନ ଉପରେ ତଥ୍ୟ ପ୍ରଦାନ କରୁଛୁ ।

୨୦୨୦ ମସିହା ସେପ୍ଟେମ୍ବରରେ ମିଶନ କର୍ମଯୋଗୀ ଅଭିଯାନ ଆରମ୍ଭ କରାଯାଇଥିଲା । ନାଗରିକ ସେବା ପ୍ରଦାନକୁ ଅଧିକ ସୁବ୍ୟବସ୍ଥିତ ତଥା ଭବିଷ୍ୟତମୁଖୀ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ସରକାରୀ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ତଥା ସେବା ପ୍ରଦାନକୁ ଅଧିକ ନାଗରିକକୈନ୍ଦ୍ରିକ କରିବା ଲକ୍ଷ୍ୟ ନେଇ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା । ଏହି ଯୋଜନା ଅଧୀନରେ ଆଇ-ଗଟ୍ ପ୍ଲାଟ୍‌ଫର୍ମରେ ୧ କୋଟି ୭୦ ଲକ୍ଷରୁ ଅଧିକ ପଞ୍ଜିକୃତ ହୋଇଛନ୍ତି । ସାଢ଼େ ୬ ହଜାରରୁ ଊର୍ଦ୍ଧ୍ୱ ଦକ୍ଷତାଭିତ୍ତିକ ତାଲିମ ବ୍ୟବସ୍ଥା ଏହି

ପ୍ଲାଟ୍‌ଫର୍ମ ମାଧ୍ୟମରେ କାର୍ଯ୍ୟକାରୀ ହୋଇଛି । ସରକାରୀ କର୍ମଚାରୀଙ୍କୁ ଅତ୍ୟାବଶ୍ୟକ ଡିଜିଟାଲ୍ ଜ୍ଞାନ ଓ ଦକ୍ଷତା ପ୍ରଦାନ କରିବାରେ ଏହା ଉପଯୋଗୀ ସାବ୍ୟସ୍ତ ହୋଇଛି । କୃତ୍ରିମ ବୁଦ୍ଧିମତ୍ତା ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟା ଆଧାରିତ ୨ ଶହରୁ ଅଧିକ ପାଠ୍ୟକ୍ରମ ଏଥିରେ ଅନ୍ତର୍ଭୁକ୍ତ । ପ୍ଲାଟ୍‌ଫର୍ମକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଦକ୍ଷ ମାନବସମ୍ବଳ ସୃଷ୍ଟି କରିବା ଏହି ମିଶନ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଏହାଦ୍ୱାରା ଦେଶର ବିକାଶ ଯାତ୍ରାକୁ ପ୍ରେରଣାଦାୟକ ପ୍ରୋତ୍ସାହନ ମିଳିପାରିବ ।

***Voice (PM)*** :..........

ଆକାଶବାଣୀ ସମ୍ବାଦ ବିଭାଗ ସହ ଆଲୋଚନାକାଳରେ ଦକ୍ଷତା ବିକାଶ କମିଶନ୍‌ର ଅଧ୍ୟକ୍ଷ ଏସ୍. ରାଧା ଚୌହାନ୍ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୂରଣ ପାଇଁ ଏହି ମିଶନ କାର୍ଯ୍ୟକାରୀ ହୋଇଛି । ସମସ୍ତ କେନ୍ଦ୍ର ସରକାରୀ କର୍ମଚାରୀ ଓ ଅଖିଳ ଭାରତୀୟ ସେବା ଅଧିକାରୀ ପ୍ରତିବର୍ଷ ଏହି ପ୍ଲାଟ୍‌ଫର୍ମ ମାଧ୍ୟମରେ ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିବାକୁ ବାଧ୍ୟତାମୂଳକ କରାଯାଇଛି ।

## ନୀଟ୍ - ପି.ଜି. ରେଜଲ୍‌ଟ୍

ଡାକ୍ତରୀ ପାଠ୍ୟକ୍ରମପାଇଁ ସ୍ନାତକୋତ୍ତର ନୀଟ୍ - ୨୦୨୬ ପରୀକ୍ଷା ଫଳ ପ୍ରକାଶ ପାଇଛି । ଜାତୀୟ ଚିକିତ୍ସା ବିଜ୍ଞାନ ପରୀକ୍ଷା ବୋର୍ଡ଼ -

ଏନ୍.ବି.ଇ.ଏମ୍.ଏସ୍. ପକ୍ଷରୁ ସରକାରୀ ୱେବ୍‌ସାଇଟ୍‌ରେ ପରୀକ୍ଷାଫଳ ଉପଲବ୍ଧ ହେଉଛି । ଗତମାସ ୩୦ ତାରିଖରେ ଦେଶବ୍ୟାପୀ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ମୋଟ୍ ୨ ଲକ୍ଷ ୬୫ ହଜାର ୯୬୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଆସନ୍ତା ପହିଲାରୁ ୱେବ୍‌ସାଇଟ୍‌ରୁ ଛାତ୍ରଛାତ୍ରୀ ସେମାନଙ୍କର ସ୍କୋର୍ କାର୍ଡ଼ ଡାଉନ୍‌ଲୋଡ୍ କରିପାରିବେ । ଏନ୍.ବି.ଇ.ଏମ୍.ଏସ୍. ଦେଇଥିବା ସୂଚନା ଅନୁଯାୟୀ ଆସନ୍ତାମାସ ପହିଲାରୁ ୱେବ୍‌ସାଇଟ୍‌ରେ ଉତ୍ତରାବଳୀ ପ୍ରକାଶ ପାଇବ ।

## ବ୍ରିକ୍ସ - ଥିଏଟର୍ ଫେଷ୍ଟିଭାଲ୍

ନୂଆଦିଲ୍ଲୀରେ ଆସନ୍ତାମାସ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ବ୍ରିକ୍ସ ଥିଏଟ୍ର ଫେଷ୍ଟିଭାଲ୍ ଅନୁଷ୍ଠିତ ହେବ । ନ୍ୟାସନାଲ୍ ସ୍କୁଲ୍ ଅଫ୍ ଡ୍ରାମା - ଏନ୍.ଏସ୍.ଡି. ପକ୍ଷରୁ ଏହି ତିନିଦିନିଆ ସମାରୋହର ଆୟୋଜନ କରାଯାଉଛି । ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସଂସ୍କୃତି ମନ୍ତ୍ରଣାଳୟ ସଚିବ ବିବେକ ଅଗ୍ରୱାଲ୍ କହିଛନ୍ତି, "ଚିନ୍ତାଧାରା ବାଣ୍ଟିବା, ଭବିଷ୍ୟତର ଅଂଶୀଦାର ହେବା" ପ୍ରସଙ୍ଗ ଆଧାରରେ ଏହି ସମାରୋହ ଆୟୋଜିତ ହେଉଛି । ବିବିଧ ନାଟ୍ୟ ପରମ୍ପରାକୁ ଉଜ୍ଜୀବିତ କରାଯିବା ସହ ଅଭିଜ୍ଞତା ଆଦାନ ପ୍ରଦାନ ତଥା କଳାକାରଙ୍କ ସମ୍ପର୍କକୁ ମଜବୁତ୍ କରିବାରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ

କରିବ ବୋଲି ଶ୍ରୀ ଅଗ୍ରୱାଲ୍ କହିଛନ୍ତି । ଗତମାସରେ ଅନୁଷ୍ଠିତ ବ୍ରିକ୍ସ ସଂସ୍କୃତି ମନ୍ତ୍ରୀଙ୍କ ବୈଠକ ପରିପ୍ରେକ୍ଷୀରେ ଗୃହୀତ ଭୋପାଳ ଘୋଷଣାନାମା ଆଧାରରେ ଏହି ସମ୍ମିଳନୀ ଆୟୋଜନ କରାଯାଉଥିବା ସେ କହିଛନ୍ତି । ସମ୍ମିଳନୀରେ ଭାରତ ସମେତ ଥାଇଲାଣ୍ଡ, ଇଣ୍ଡୋନେସିଆ, ରୁଷ୍, ଭିଏତ୍‌ନାମ୍, ଇରାନ୍, ଦକ୍ଷିଣ ଆଫ୍ରିକା, କାଜାଖସ୍ତାନ ଏବଂ ଇଥିଓପିଆ ଅଂଶଗ୍ରହଣ କରିବେ । ଦକ୍ଷିଣ ବିଶ୍ୱର ବିଭିନ୍ନ ରାଷ୍ଟ୍ରର କଳାକାର ଓ ନାଟ୍ୟକ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷ ଏଥିରେ ଅଂଶଗ୍ରହଣ କରିବେ ବୋଲି ଶ୍ରୀ ଅଗ୍ରୱାଲ୍ କହିଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖ ରବିବାର ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୩୮ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ  ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair  ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ  ଆକାଶବାଣୀରେ ଏହି

କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ମୁମ୍ବାଇ - ଆର୍.ବି.ଆଇ.

ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଉପଯୋଗୀ ସାବ୍ୟସ୍ତ ହେବା ସହ ଆହ୍ୱାନର ସମାଧାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ୍ର ଡେପୁଟି ଗଭର୍ଣ୍ଣର ରୋହିତ ଜୈନ କହିଛନ୍ତି । ମୁମ୍ବାଇରେ ତ୍ରୟୋଦଶ ଏସ୍.ବି.ଆଇ. ବ୍ୟାଙ୍କିଙ୍ଗ୍ ଓ ଅର୍ଥନୀତି ସମ୍ମିଳନୀ-୨୦୨୬କୁ ସମ୍ବୋଧନ କରି ଶ୍ରୀ ଜୈନ କହିଛନ୍ତି, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ପ୍ରତ୍ୟେକ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଏକ ଉତ୍କୃଷ୍ଟ ମାଧ୍ୟମ ପାଲଟିଛି । କୃତ୍ରିମ ବୁଦ୍ଧିମତ୍ତା ଉପରେ ଆଲୋକପାତ କରି ଶ୍ରୀ ଜୈନ କହିଛନ୍ତି, ଉପଭୋକ୍ତାଙ୍କୁ ସେବା ପ୍ରଦାନ, ଠକେଇ ଚିହ୍ନଟ, ଆହ୍ୱାନର ମୂଲ୍ୟାୟନ ଓ ମୁକାବିଲା ଏବଂ ଉତ୍ପାଦକତାକୁ ଉନ୍ନତ କରିବାରେ ଫଳପ୍ରଦ ସାବ୍ୟସ୍ତ ହେବ । ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ନିରନ୍ତରତାକୁ ସୁନିଶ୍ଚିତ କରିବା ଉପରେ ଶ୍ରୀ ଜୈନ ଗୁରୁତ୍ୱ ଦେଇଛନ୍ତି ।

# ଏସିଆନ୍ ଗେମ୍ସ

ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ୧୦ ହଜାର ମିଟର ମହିଳା ଦୌଡ଼ ପ୍ରତିଯୋଗିତାରେ ସୀମା କୁମାରୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି ବର୍ଗରେ ଭାରତ ପ୍ରଥମ ଥରପାଇଁ ଏସିଆନ୍ ପଦକ ହାସଲ କରିଛି ।

ମିଳିତ ସ୍କିଟ୍ ଦଳଗତ ବର୍ଗରେ ଭାରତ ବ୍ରୋଞ୍ଜ୍ ପଦକ ହାସଲ କରିଛି । ଏହି ପ୍ରତିଯୋଗିତାରେ ଭାରତ ପ୍ରଥମ ଥରପାଇଁ ଏସୀୟ ପଦକ ହାସଲ କରିଛି । ଦକ୍ଷିଣ କୋରିଆ ପ୍ରତିଯୋଗୀଙ୍କଠାରୁ ଭାରତୀୟ ଯୋଡ଼ି ଅନନ୍ତଜିତ୍ ସିଂହ ନାରୁକା ଏବଂ ପରିନାଜ୍ ଧନିଓ୍ୱାଲ୍ ମାତ୍ର ୧ ପଏଣ୍ଟରେ ହାରି ବ୍ରୋଞ୍ଜ୍ ପଦକ ପାଇଛନ୍ତି । ଏହି ପ୍ରତିଯୋଗିତାରେ ଚୀନ୍ ସ୍ୱର୍ଣ୍ଣ ଓ ଦକ୍ଷିଣ କୋରିଆ ରୌପ୍ୟ ପଦକ ହାସଲ କରିଛନ୍ତି ।

ରୋଇଂ ଡବଲ ସ୍କଲ୍‌ସ ପୁରୁଷ ବର୍ଗରେ ଭାରତର ସତ୍‌ନାମ୍ ସିଂହ ଓ ସଲ୍‌ମନ୍ ଖାଁଙ୍କ ଯୋଡ଼ି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି । ଏହି ବର୍ଗରେ ଭାରତ ପ୍ରଥମ ଥରପାଇଁ ଏସୀୟ ପଦକ କ୍ରୀଡ଼ା ପଦକ ହାସଲ କରିଛି ।

ଅନ୍ୟ ଖେଳଗୁଡ଼ିକ ମଧ୍ୟରେ ପରବୀନ୍ ମହିଳା ୬୫ କିଲୋଗ୍ରାମ୍ ମୁଷ୍ଟିଯୋଦ୍ଧା ବର୍ଗରେ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ପରବର୍ତ୍ତୀ ଖେଳରେ ପରବୀନ ଉଜ୍‌ବେକିସ୍ତାନର କ୍ରୀଡ଼ାବିତ୍‌ଙ୍କୁ ଭେଟିବେ ।

କବାଡ଼ି ପୁରୁଷ ବର୍ଗରେ ଭାରତର ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚକୁ ଜିତି ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଚାଇନିଜ୍ ତାଇପେଇ ବିପକ୍ଷରେ

ଭାରତ ୩୭-୨୧ ପଏଣ୍ଟ୍‌ରେ ବିଜୟୀ ହୋଇଛି । ମହିଳା ବର୍ଗରେ ଭାରତ ବିଜୟ ଅଭିଯାନ ଜାରି ରଖିଥିବାବେଳେ ପରବର୍ତ୍ତୀ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଜାପାନକୁ ଭେଟିବ ।

## ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଗତକାଲି ବିଳମ୍ବିତ ରାତିରେ ଆନ୍ଧ୍ରପ୍ରଦେଶର କଳିଙ୍ଗପଟନମ୍‌ଠାରେ ସ୍ଥଳଭାଗ ଅତିକ୍ରମ କରିବା ପରେ ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛି। ଏହା ଆଜି ସୁଦ୍ଧା ଧୀରେ ଧୀରେ ଦୁର୍ବଳ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି।

ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ଅତିରୁ ଅତିପ୍ରବଳ ବର୍ଷା ହେବା ନେଇ କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି  ନୂଆପଡା, ବଲାଙ୍ଗୀର, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ମଧ୍ୟ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ଗଭୀର ଅବପାତ ଯୋଗୁଁ ଓଡ଼ିଶାର ୬ଟି ଜିଲ୍ଲା କୋରାପୁଟ, ଗଜପତି, ମାଲକାନଗିରି, ଗଞ୍ଜାମ, ନବରଙ୍ଗପୁର ଏବଂ ରାୟଗଡ଼ାର ୩୭ଟି ବ୍ଲକ ଅନ୍ତର୍ଗତ ୧୨୭ଟି ପଞ୍ଚାୟତର ୨୭୩ଟି ଗ୍ରାମ ପ୍ରଭାବିତ ହୋଇଛି। ଏହାସହ ୫ଟି ସହରାଞ୍ଚଳର ୨୦ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ଏହି ସମୟ ମଧ୍ୟରେ ୮ହଜାର ୮୨ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ମନ୍ତ୍ରୀ କହିଛନ୍ତି।

*****